# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th September - 2025

*********************************

***BBSR, Malkangiri/R***

## ଶ୍ରେଷ୍ଠ ଶିକ୍ଷା ଜିଲ୍ଲା ପୁରସ୍କାର

ରାଜ୍ୟରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଝାରସୁଗୁଡ଼ା ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାକୁ ଦ୍ୱିତୀୟ ପୁରସ୍କାର ଭାବେ ୨ କୋଟି ଏବଂ ତୃତୀୟ ସ୍ଥାନପାଇଁ ଜଗତ୍‌ସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି । ଗୁରୁଦିବସ ଅବସରରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ୭୦ ଜଣ ଶିକ୍ଷକଙ୍କ ସମେତ ୩ ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଓ ୧୦ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁଣାତ୍ମକ ଶିକ୍ଷା ପ୍ରଦାନ ସୁନିଶ୍ଚିତ କରିବାପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯିବ । ମୁଖ୍ୟମନ୍ତ୍ରୀ 'ପଢ଼ିବା, ଗଢ଼ିବା' ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିବା ସହ ଜାତୀୟ ଶିକ୍ଷାନୀତି ଆଧାରିତ ଓଡ଼ିଶା କରିକୁଲମ୍ ଫ୍ରେମ୍‌ଓ୍ୱାର୍କ ଫର୍ ସ୍କୁଲ୍ ଏଜୁକେଶସନ-୨୦୨୫ ପୁସ୍ତିକା ଉନ୍ମୋଚନ କରିଥିଲେ ।

***Voice (CM)*** :........

ରାଜ୍ୟରେ ଥିବା ୧୩ ହଜାରରୁ ଅଧିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ଦେବା ବିଷୟ ଘୋଷଣା କରିଥିବାରୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

*Malkangiri, Kendrapara, Nuapada, Cuttack /R*

## ଗୁରୁଦିବସ

ଗୁରୁଦିବସ ଅବସରରେ ଗତକାଲି ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡ଼କାମୀ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନପାଇଁ ସର୍ବଦା ଚେଷ୍ଟା କରିବାଲାଗି ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତର ଚଣ୍ଡିଆପାଲି ଗ୍ରାମସ୍ଥିତ ସରକାରୀ ୟୁ.ଜି.ୟୁ.ପି. ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହାତ୍ମାଗାନ୍ଧି ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସେ କହିଥିଲେ, ଶିକ୍ଷକମାନଙ୍କ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି ।

ନୂଆପଡ଼ା ନ୍ୟାସନାଲ ହାଇସ୍କୁଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବାବେଳେ କଟକ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବରେ ଜିଲ୍ଲାପାଳ

ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଆନ୍ତରିକତାର ସହ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ ।

*Koraput, Malkangiri, Gajapati/R*

# ଆଦି କର୍ମଯୋଗୀ ଅଭିଯାନ

କୋରାପୁଟ ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ଶିକ୍ଷକ-ପ୍ରଶିକ୍ଷକମାନଙ୍କ ତିନିଦିନିଆ ତାଲିମ୍ ଶିବିରରେ ୧୪ଟି ବ୍ଲକ୍‌ରୁ ୬୬ ଜଣ ଅଂଶଗ୍ରହଣ କରିଛନ୍ତି । ଆଦି କର୍ମଯୋଗୀ ଅଭିଯାନର ଜିଲ୍ଲା ପ୍ରଭାରୀ ପ୍ରଦୀପ ଅଗ୍ରୱାଲ୍ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୋରାପୁଟର ପ୍ରକଳ୍ପ ପ୍ରଶାସକ ପ୍ରମୁଖ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

ସେହିପରି ମାଲକାନଗିରି ଜିଲ୍ଲାରେ ଆରମ୍ଭ ହୋଇଥିବା ଶିବିରରେ ୩୧ ଜଣ ଅଂଶଗ୍ରହଣ କରିଛନ୍ତି । ତାଲିମଦାତା ଭାବେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ତାଲିମ ଦେଇଥିବା ଜଣାପଡ଼ିଛି ।

ଗଜପତି ଜିଲ୍ଲାରେ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନରେ ଆରମ୍ଭ ହୋଇଥିବା ତାଲିମ୍ କର୍ମଶାଳାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅନୁସଚିବ ସତୀଶ କୁମାର ସିଂହ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ୭ଟି ବ୍ଲକ୍‌ର ୫୫ ଜଣ ଏହି ତାଲିମ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି ।

*Nuapada/R*

## ଜଙ୍ଗଲ ଜମି ଅଧିକାର

ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି । ନୂଆପଡ଼ା ଜିଲ୍ଲାରେ ବିଭିନ୍ନ ଜଙ୍ଗଲ ଜମିର ସମସ୍ୟା ନେଇ ଅନୁଷ୍ଠିତ ବୈଠକରେ ଜଙ୍ଗଲ ଜମିରେ ମନରେଗା ଯୋଜନା ଲାଗୁ କରିବା ସହ କୃଷକ ପଞ୍ଜୀକରଣ ଓ ଗୋଷ୍ଠୀଗତ ସମ୍ବଳ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

*Desk*

## ଭତ୍ତା – ବୟସ ଜାଲିଆତି

ରାଜ୍ୟର ବିଭିନ୍ନ ଯୋଜନାରେ ଭତ୍ତା ପାଇବା ଲାଗି ବୟସ ଜାଲିଆତି ହୋଇଥିବା ଜଣାପଡ଼ିବା ପରେ ଯାଞ୍ଚ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ସଠିକ୍ ଭାବେ ଯାଞ୍ଚ୍ କରି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି । ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

*Desk*

# ପାର୍ବଣ - ରାସ୍ତା ମରାମତି

ପାର୍ବଣ ଋତୁ ପୂର୍ବରୁ ରାଜ୍ୟର ସବୁ ରାସ୍ତା ମରାମତି କାର୍ଯ୍ୟ ଶେଷ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ସେ କହିଛନ୍ତି, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ଓ ନଗର ଉନ୍ନୟନ ବିଭାଗ ନିଜ ନିଜର ରାସ୍ତାଗୁଡ଼ିକର ମରାମତି କରିବେ । ମରାମତି କାର୍ଯ୍ୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ସାମିଲ କରାଯାଇ କାମ ହାତକୁ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

*Baragarh/R*

# ସାର ଯୋଗାଣ

ବରଗଡ଼ ଜିଲ୍ଲାରେ ଚଳିତ ଖରିଫ୍ ଋତୁରେ ୫୭ଟି ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ମାର୍କଫେଡ୍ ଜରିଆରେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦିଆଯାଇଛି । ଗତବର୍ଷ ଖରିଫ୍ ଋତୁ ତୁଳନାରେ ଚଳିତ ବର୍ଷ ୪୩ ପ୍ରତିଶତ ଅଧିକ ସାର ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି । ସମବାୟ ସଂସ୍ଥା ଇଫ୍‌କୋ'ଦ୍ୱାରା ଅନୁମୋଦିତ ୧୨ଟି ପ୍ରାଥମିକ କୃଷିସେବା ସମବାୟ ସମିତିକୁ ୨ ହଜାର ୬୩୪ ମେଟ୍ରିକ୍ ଟନ୍ ଅତିରିକ୍ତ ସାର ଯୋଗାଇ ଦିଆଯାଇଥିବାବେଳେ ୨୮୭ ଜଣ ବେସରକାରୀ ଖୁଚୁରା ବିକ୍ରେତାଙ୍କ ମାଧ୍ୟମରେ ସାର ବିକ୍ରି ଜାରି ରହିଛି । ମୁଖ୍ୟ ଜିଲ୍ଲା କୃଷି

ଅଧିକାରୀଙ୍କ ସୂଚନା ଅନୁଯାୟୀ ସାର କଳାବଜାରୀ ନିୟନ୍ତ୍ରଣ କରିବା ଲାଗି ୧୪ଟି ଟିମ୍ ଗଠନ କରାଯାଇଛି ।

*Bhadrak/R*

## ମହମ୍ମଦ ଜୟନ୍ତୀ

ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତରାତିରେ ହଜରତ୍ ମହମ୍ମଦଙ୍କ ଜୟନ୍ତୀ ଅବସରରେ କାଫଲା ର୍ୟାଲି ସହର ପରିକ୍ରମା କରିଛି । ହଜରତ୍ ମହମ୍ମଦଙ୍କ ନୀତିବାଣୀ ଗାନ କରି ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ର୍ୟାଲିରେ ପୁରୁଣା ବଜାର ମଦିନା ମଇଦାନରେ ଏକତ୍ରିତ ହେବା ପରେ ଧାର୍ମିକ ସଭା ଅନୁଷ୍ଠିତ ହୋଇଥିଲା ।

*Desk*

## ପାଣିପାଗ

ରାଜ୍ୟର ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଥିବା ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାର ମଧ୍ୟକରୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୮୬ ହଜାର ୨୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ ୪ ଲକ୍ଷ ୨୪ ହଜାର ୧୪୭ ଘନଫୁଟ ଜଳ ନିଷ୍କାସନ କରାଯାଉଛି । ଏବେ ଜଳଭଣ୍ଡାରର ଜଳସ୍ତର ୬୨୪ ଦଶମିକ ୪/୧ ଫୁଟ ରହିଛି ।

*****